ପ୍ରହଲ୍ଲାଦ ବରାଳ

ବନାମ

ଓଡ଼ିଶା ସରକାର ଏବଂ ଅନ୍ୟମାନେ ।

ମାର୍ଚ୍ଚ 3, 1997

[କେ. ରାମାସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତି ଦ୍ୱୟ]

*ସେବା ଆଇନ.*

*ବରିଷ୍ଠତା - ଓଡ଼ିଶା ସରକାରଙ୍କ ନିମ୍ନ ବର୍ଗ କିରାଣୀମାନେ - ତାରିଖ 4.2.1971 ର ସରକାରୀ ଆଦେଶରେ ମାଧ୍ୟମିକ ଶିକ୍ଷାକୁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଭାବରେ ନିର୍ଦ୍ଧାରିତ କରିଛନ୍ତି - ଯଦିଓ ମାଟ୍ରିକ ଯୋଗ୍ୟତା ଥିବା ନିମ୍ନ ବର୍ଗ କିରାଣୀମାନଙ୍କୁ ବୈଧ ଏବଂ ନିୟମିତ ଭାବେ ନିଯୁକ୍ତି କରଯାଇଛି କିନ୍ତୁ ସେମାନେ ସେହି ବର୍ଷ ନିଯୁକ୍ତି ପାଇଥିବା ମାଧ୍ୟମିକ ଶିକ୍ଷା ଯୋଗ୍ୟତା ଥିବା ଏଲ୍ ଡ଼ି କିରାଣୀମାନଙ୍କ ଠାରୁ କନିଷ୍ଠ ହେବେ -ପରେ ମାଟ୍ରିକ ଯୋଗ୍ୟତା ଥିବା ଏଲ୍ ଡ଼ି କିରାଣୀମାନେ ବରିଷ୍ଠତା ପାଇଁ ଦାବି କରିଛନ୍ତି – ନିର୍ଣ୍ଣୟ, ଯେହେତୁ ପ୍ରତିବାଦୀ କର୍ମଚାରୀମାନଙ୍କ ସର୍ବନିମ୍ନ ଯୋଗ୍ୟତା ଯଥା ମାଧ୍ୟମିକ ଶିକ୍ଷା ଯୋଗ୍ୟତା ନାହିଁ, ସେମାନେ ଆବେଦନକାରୀଙ୍କ ଠାରୁ ବରିଷ୍ଠ ପାହ୍ୟା ପାଇବାକୁ ହକଦାର ନୁହଁନ୍ତି ଯାହାଙ୍କ ପାଖରେ ଆବଶ୍ୟକ ଯୋଗ୍ୟତା ଅଛି । ପ୍ରତିବାଦୀମାନେ ଆବେଦନକାରୀଙ୍କ ଠାରୁ କନିଷ୍ଠ ହେବେ ।*

*ଦେୱାନୀ* ଅପିଲ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1827 /1997

ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ, ଭୁବନେଶ୍ୱରର ଏମ୍. ପି. ସଂଖ୍ୟା 1309/93 ଏବଂ ଓ. ଏ. ସଂଖ୍ୟା 6/1991 ରେ ତା 8.2.96/19 .4.93 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ତରଫରୁ ବି. ଏ. ମହାନ୍ତି ଏବଂ ସୁଶ୍ରୀ କୀର୍ତ୍ତି ମିଶ୍ର ।

ପ୍ରତିବାଦୀମାନଙ୍କ ପାଇଁ ଏ. କେ. ପଣ୍ଡା ଏବଂ ପି. ଏନ୍. ମିଶ୍ର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ଅନୁମତି ପ୍ରଦାନ କରାଗଲା । ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଫେବୃଆରୀ 8,1996 ର ଆବେଦନ ସଂଖ୍ୟା 6/91 ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ଭୁବନେଶ୍ୱର ର ଆଦେଶରୁ ଉତ୍ପନ୍ନ ହୋଇଛି ।

ପ୍ରତିବାଦୀ-କର୍ମଚାରୀମାନଙ୍କୁ 1970-71 ରେ ଏଲ୍.ଡ଼ି.ସି ପଦବୀରେ ନିଯୁକ୍ତ କରାଯାଇଥିଲା । ଆବେଦନକାରୀଙ୍କୁ ପରେ 1972-73 ରେ ନିଯୁକ୍ତ କରାଯାଇଥିଲା । ସେମାନଙ୍କ ପରସ୍ପର ମଧ୍ୟରେ ଥିବା ବରିଷ୍ଠତାର ପ୍ରଶ୍ନ ସରକାରଙ୍କ ସମ୍ମୁଖରେ ଆସିଥିଲା । ସରକାର ଫେବୃଆରୀ 4,1971 ରେ ଦେଇଥିବା

ଆଦେଶରେ  ଜିଲ୍ଲା ଏବଂ ଅଧୀନସ୍ଥ କାର୍ଯ୍ୟାଳୟରେ ଏଲ. ଡି. ସି. ପଦବୀରେ ନିଯୁକ୍ତି ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା, ଯଥା ମାଧ୍ୟମିକ ଶିକ୍ଷା, ନିର୍ଦ୍ଧାରିତ କରିଥିଲେ ।  ପ୍ରତିଦ୍ୱନ୍ଦୀ  ପ୍ରତିବାଦୀ କର୍ମଚାରୀମାନେ କେବଳ ମାଟ୍ରିକ ପାସ ହୋଇଥିବା ବେଳେ ଆବେଦନକାରୀଙ୍କ ମାଧ୍ୟମିକ ଶିକ୍ଷାଗତ ଯୋଗ୍ୟତା ରହିଛି । ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଆଧାରରେ, ସରକାର ପରସ୍ପର ମଧ୍ୟରେ ବରିଷ୍ଠତା ନିର୍ଦ୍ଧାରଣ ପାଇଁ  ନିମ୍ନମତେ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

"(a) ମାଟ୍ରିକ କିମ୍ବା କୌଣସି ସମତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଏଲ. ଡି. କିରାଣୀମାନେ  ବୈଧ ଏବଂ ନିୟମିତ ଭାବରେ  ଚୟନ  ଏବଂ ନିଯୁକ୍ତ ହୋଇଥିବା ବିବେଚନା କରାଯିବ ଏବଂ ସେମାନଙ୍କୁ ନିଯୁକ୍ତି ପରୀକ୍ଷା କିମ୍ବା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କୌଣସି ସ୍ୱତନ୍ତ୍ର ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡିବ ନାହିଁ ।

(b) ଉପରୋକ୍ତ ବର୍ଗ (a) ଅଧୀନରେ ଏଲ. ଡି. କିରାଣୀମାନଙ୍କ ବରିଷ୍ଠତା ଏଲ. ଡି. କିରାଣୀମାନଙ୍କ ନିଯୁକ୍ତି ତାରିଖ ଠାରୁ ସେମାନଙ୍କ ସେବାକୁ ଧ୍ୟାନରେ ରଖି ସ୍ଥିର କରାଯିବ, କିନ୍ତୁ  ତା 4.2.71 ରିଖରେ ଅର୍ଥ ବିଭାଗ  ପ୍ରସ୍ତାବ ସଂଖ୍ୟା 3968F ରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସହ ଏଲ. ଡି. କିରାଣୀମାନଙ୍କ ପଦୋକ୍ରମ ତାଲିକାରେ  ସେମାନେ ସେହି ସମାନ ବର୍ଷରେ ନିଯୁକ୍ତି ପାଇଥିବା ଏଲ. ଡି. କିରାଣୀମାନଙ୍କ ଠିକ ତଳେ ରହିବେ  । ଉପରୋକ୍ତ ସଂଶୋଧିତ ପଦୋକ୍ରମ ତାଲିକା ଅନୁଯାୟୀ, ଯଦି ସେମାନେ ସ୍ଥାୟୀକରଣ ପାଇଁ ଆବଶ୍ୟକ ଅନ୍ୟ ସମସ୍ତ ସର୍ତ୍ତ ପୂରଣ କରନ୍ତି, ତେବେ ସେମାନେ ସ୍ଥାୟୀ ପଦବୀ ପାଇଁ ନିଶ୍ଚିତ ହୋଇପାରିବେ ।

(c) ଉପରୋକ୍ତ (b) ରେ ଉଲ୍ଲେଖ କରାଯାଇଥିବା ପରି ଏହି କିରାଣୀମାନଙ୍କ ବରିଷ୍ଠତାର ପୁନଃନିର୍ଦ୍ଧାରଣ ସେମାନଙ୍କୁ ପିଛିଲା ଭାବରେ କୌଣସି ପଦୋନ୍ନତି ଲାଭ ପାଇଁ ହକଦାର୍ କରିବ ନାହିଁ ।

(d) ଏହିପରି ନିୟମିତ ହୋଇଥିବା ଏଲ୍. ଡି. କିରାଣୀମାନେ  ତା 4.2.71 ରିଖର  ଅର୍ଥ ବିଭାଗର ପ୍ରସ୍ତାବ ସଂଖ୍ୟା 3968F ସହ ତା 2.1.73 ରିଖର  ଅର୍ଥ ବିଭାଗ ପ୍ରସ୍ତାବ ସଂଖ୍ୟା  90F ରେ ନିର୍ଦ୍ଧାରିତ ନୀତି ଅନୁଯାୟୀ  ଏପରି ପଦବୀଗୁଡ଼ିକରେ ସେମାନଙ୍କର ନିଯୁକ୍ତି ତାରିଖ ଠାରୁ ସେମାନଙ୍କର ଦରମା ପାଇବାକୁ  ହକଦାର ହେବେ । "

ଏହାକୁ ପଢ଼ିବା ଦ୍ୱାରା ସ୍ପଷ୍ଟ ଭାବେ ଜଣାପଡ଼ିବ ଯେ ମାଟ୍ରିକ  କିମ୍ବା କୌଣସି ସମତୂଲ୍ୟ  ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ  ଏଲ୍ ଡି ସି ମାନେ  ବୈଧ ଏବଂ ନିୟମିତ ଭାବେ  ଚୟନ  ହୋଇଛନ୍ତି  ଏବଂ ନିଯୁକ୍ତ ହୋଇଛନ୍ତି ବୋଲି ବିବେଚନା କରାଯିବ ଏବଂ ସେମାନଙ୍କୁ ନିଯୁକ୍ତି ପରୀକ୍ଷା କିମ୍ବା କୌଣସି ସ୍ୱତନ୍ତ୍ର ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଆବଶ୍ୟକତା ପଡ଼ିବ ନାହିଁ । କିନ୍ତୁ ସେମାନଙ୍କ ବରିଷ୍ଠତା ପ୍ରସ୍ତୁତି ପ୍ରସଙ୍ଗରେ, ଏହା ସ୍ୱୀକାର କରଯାଇଛି  ଯେ ଯେଉଁମାନଙ୍କର  ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଅଛି  ସେମାନଙ୍କୁ ବରିଷ୍ଠତା ଦିଆଯିବ । ଅନ୍ୟ ଅର୍ଥରେ, ଯେଉଁମାନଙ୍କ ପାଖରେ ମାଧ୍ୟମିକ ଶିକ୍ଷା ଯୋଗ୍ୟତା ଥିବ, ସେମାନେ ମାଟ୍ରିକୁଲେଟ ଅପେକ୍ଷା ବରିଷ୍ଠ ବିବେଚିତ ହେବେ । ଫଳସ୍ୱରୂପ, ଆବେଦନକାରୀ, ଯଦିଓ ପରେ ନିଯୁକ୍ତ ହୋଇଥିଲେ, ପ୍ରତିବାଦୀମାନଙ୍କଠାରୁ ବରିଷ୍ଠ

ହୋଇଥିଲେ । ୟୁ. ଡି. ସି. ପଦବୀକୁ ପଦୋନ୍ନତି ପାଇଁ ଚୟନ ଉଦ୍ଦେଶ୍ୟରେ ଗଠିତ ହୋଇଥିବା ବିଭାଗୀୟ ପଦୋନ୍ନତି ସମିତି ଆବେଦନକାରୀଙ୍କ ଦାବିକୁ ବିଚାର କରିଥିଲେ ଏବଂ ତାଙ୍କୁ ଉପଯୁକ୍ତ ବୋଲି ଦର୍ଶାଇଥିଲେ । ଏହା ତାଙ୍କ ସେବାକୁ ନିୟମିତ କରିଥିଲା ଏବଂ ସେ ପ୍ରତିବାଦୀ ମାନଙ୍କ ଠାରୁ ବରିଷ୍ଠ ହୋଇଥିବାରୁ ତାଙ୍କୁ ପଦୋନ୍ନତି ଦିଆଯାଇଛି । ପରବର୍ତ୍ତୀ ସମୟରେ, ଯେତେବେଳେ ପ୍ରତିବାଦୀମାନଙ୍କ ଦାବି ବିଚାର ପାଇଁ ଆସିଥିଲା, ଡି. ପି. ସି. ଆବେଦନକାରୀଙ୍କ ପଦାବନତି ଏବଂ ପ୍ରତିବାଦୀମାନଙ୍କ ସ୍ଥାୟୀ ପାଇଁ ସୁପାରିଶ କରିଥିଲେ । ଫଳସ୍ୱରୂପ ପଦୋକ୍ରମ ତାଲିକାରେ, ପ୍ରତିବାଦୀମାନଙ୍କୁ ଆବେଦନକାରୀଙ୍କ ଉପରେ ରଖାଯାଇଥିଲା । ଆବେଦନ ପରେ ସରକାର ଏହାକୁ ଓଲଟାଇ ଦେଇଥିଲେ । ଫଳସ୍ୱରୂପ, ପ୍ରତିବାଦୀମାନେ ନ୍ୟାୟାଧିକରଣଙ୍କ ଦ୍ୱାରସ୍ଥ ହୋଇଥିଲେ । ନ୍ୟାୟାଧିକରଣ ଆକ୍ଷେପିତ ଆଦେଶରେ ଏହିପରି ଦର୍ଶାଇଛନ୍ତି ଯେ :

> " ଆବେଦନକାରୀମାନେ ଯେଉଁମାନେ ତା 21.10.81 ରିଖର ସରକାରଙ୍କ ଆଦେଶ ଦ୍ୱାରା ସେବାରେ ନିୟମିତ ହୋଇଥିଲେ ଯେଉଁଥିରେ ମ୍ୟାଟ୍ରିକ୍ୟୁଲେସନ୍ କିମ୍ବା ସମାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଏଲ୍ ଡ଼ି କିରାଣୀମାନେ ବୈଧ ଏବଂ ନିୟମିତ ଭାବରେ ଚୟନ ହୋଇଛନ୍ତି ଏବଂ ନିଯୁକ୍ତ ହୋଇଛନ୍ତି ବିବେଚନା କରାଯାଉଥିଲା ଏବଂ ସେମାନଙ୍କୁ ନିଯୁକ୍ତି ପରୀକ୍ଷା କିମ୍ବା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କୌଣସି ସ୍ୱତନ୍ତ୍ର ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଆବଶ୍ୟକତା ନଥିଲା । ଆବେଦନକାରୀଙ୍କ ତୁଳନାରେ ବହୁ ବିଳମ୍ବରେ ନିଯୁକ୍ତ ହୋଇଥିବା 4 ରୁ 6 ପ୍ରତିପକ୍ଷ ବୃନ୍ଦ ସେମାନଙ୍କ ବରିଷ୍ଠ (ଆବେଦନକାରୀମାନଙ୍କ ) ଙ୍କ ଦାବିକୁ ବିନା ପ୍ରତିକୂଳ ପ୍ରଭାବରେ 1980 ମସିହାରେ ୟୁ. ଡି. କିରାଣୀ ପାହ୍ୟାକୁ ପଦୋନ୍ନତି ଦିଆଯାଇଥିଲା । ଆବେଦନକାରୀମାନଙ୍କୁ 1981 ମସିହାରେ ୟୁ. ଡି. କିରାଣୀ ପଦବୀକୁ ପଦୋନ୍ନତି ଦିଆଯାଇଥିଲା । ସର୍ତ୍ତ ଅନୁଯାୟୀ ସେମାନଙ୍କ ପଦୋନ୍ନତି ପରେ, ପ୍ରତିପକ୍ଷ ବୃନ୍ଦ 4 ରୁ 6 କୁ 1981 ମସିହାରେ ୟୁ. ଡି. କିରାଣୀ ପଦବୀକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା । 1981 ମସିହାରୁ 1991 ମସିହାରେ ଏହି ମକଦ୍ଦମା ଦାଖଲ ହେବା ପର୍ଯ୍ୟନ୍ତ, ଆବେଦନକାରୀମାନେ ୟୁ. ଡି. କିରାଣୀ ପଦୋନ୍ନତି ପଦବୀରେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ ଜାରି ରଖିଛନ୍ତି ଏବଂ ପ୍ରତିପକ୍ଷ ବୃନ୍ଦ 4 ରୁ 6 ଏଲ. ଡି. କିରାଣୀ ଭାବରେ କାର୍ଯ୍ୟ ଜାରି ରଖିଛନ୍ତି । ନଅ ବର୍ଷ ପରେ 1990 ମସିହାରେ ଦିଆଯାଇଥିବା ଆକ୍ଷେପିତ ଆଦେଶ ଅଧୀନରେ ଆବେଦନକାରୀମାନଙ୍କ ଯଥା ୟୁ.ଡି. କିରାଣୀମାନଙ୍କ ପଦୋନ୍ନତି ରଦ୍ଦ କରିବାକୁ ଆଦେଶ ଦିଆଯାଇଥିଲା । ଏହା ଯଥାର୍ଥ ଥିଲା କି ? ଏପରିକି ଏହି ଆଧାରରେ ଯେ ପ୍ରତିପକ୍ଷ ବୃନ୍ଦଙ୍କ ଆବେଦନ 1990 ମସିହାରେ ନିଷ୍ପତ୍ତି ହୋଇଥିଲା ।":

ଆବେଦନକାରୀଙ୍କୁ ତା 8.10.1981 ରିଖର ସରକାରୀ ଆଦେଶ ଦ୍ୱାରା ଚାକିରିରେ ନିୟମିତ କରାଯାଇଥିଲା । ମାଟ୍ରିକ କିମ୍ବା ସମାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଏଲ୍. ଡି . ସି ମାନଙ୍କ ବୈଧ ଭାବରେ ଏବଂ ନିୟମିତ ଭାବରେ ଚୟନ ଏବଂ ନିଯୁକ୍ତି ହୋଇଥିବାର ବିବେଚନା କରାଯାଉଥିଲା | ସେମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିଯୁକ୍ତି ପରୀକ୍ଷା କିମ୍ବା କୌଣସି ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଆବଶ୍ୟକତା ନଥିଲା । ସେହି ଆଧାରରେ ଅନୁଚ୍ଛେଦ 13ରେ ନିର୍ଦ୍ଦେଶ ଦିଆଯାଇଥିଲା, ଯାହା ନିମ୍ନରେ ଦର୍ଶାଯାଇଛି :

"ଉପରୋକ୍ତ କାରଣ ଏବଂ କରାଯାଇଥିବା ଆଲୋଚନାର ଆଧାରରେ, ଅନୁଲଗ୍ନକ-9 ଏବଂ 10 ରେ ଥିବା ଆଦେଶଗୁଡ଼ିକ ଅଗ୍ରାହ୍ୟ ଏବଂ ତେଣୁ, ରଦ୍ଦ କରାଯିବାର ଯୋଗ୍ୟ, ଯାହା ଏଠାରେ ରଦ୍ଦ କରଯାଇଛି । ଆବେଦନକାରୀମାନେ ବରିଷ୍ଠତା ତାଲିକାରେ ବିନା କୌଣସି ବାଧାରେ ପଦୋନ୍ନତି ପଦବୀରେ ରହିବେ ।"

ଏହି ନିର୍ଦ୍ଦେଶ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଉପରୋକ୍ତ ଆଦେଶଗୁଡିକ ସହିତ ସ୍ପଷ୍ଟ ଭାବରେ ଅସଙ୍ଗତ | ଯେହେତୁ ପ୍ରତିବାଦୀ - କର୍ମଚାରୀମାନଙ୍କ ପାଖରେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯଥା ମାଧ୍ୟମିକ ଶିକ୍ଷା ଯୋଗ୍ୟତା ନ ଥିଲା, ସେମାନେ ଯୋଗ୍ୟ ଆବେଦନକାରୀଙ୍କ ଠାରୁ ବରିଷ୍ଠ ପାହ୍ୟା ପାଇବାକୁ ହକଦାର ନୁହଁନ୍ତି । ତେଣୁ, ଏହି ଆବେଦନରେ ପ୍ରତିଦ୍ୱନ୍ଦୀ 4 ଏବଂ 5 ପ୍ରତିବାଦୀମାନେ ଆବେଦନକାରୀଙ୍କ ଠାରୁ କନିଷ୍ଠ ହେବେ ।

ତଥାପି, ପଦୋନ୍ନତି ପାଇଁ ସମ୍ପୃକ୍ତ ପଦବୀରେ ସେମାନଙ୍କର ସେବା ଜାରି ରହିବା ବାଧାପ୍ରାପ୍ତ ହୋଇନପାରେ କାରଣ ସମସ୍ତ ପକ୍ଷଙ୍କୁ ଆହୁରି ପଦୋନ୍ନତି ଦିଆଯାଇଛି ଯେଉଁଥିରେ ଆବେଦନକାରୀ ପରବର୍ତ୍ତୀ ପଦୋନ୍ନତି ପାଇଁ ସେମାନଙ୍କଠାରୁ ବରିଷ୍ଠ ହେବା ସର୍ତ୍ତରେ ସେମାନଙ୍କ ପରସ୍ପର ମଧ୍ୟରେ ବରିଷ୍ଠତା ସ୍ଥିର କରାଯିବ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । କିନ୍ତୁ ଏହି ପରିସ୍ଥିତିଗୁଡ଼ିକ ବିନା ଖର୍ଚ୍ଚରେ ।

ଆର୍. ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ**
**ସୌମ୍ୟରଂଜନ ବେହେରା,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**